**ପଶ୍ଚିମବଙ୍ଗ ଆଳୁ ଉପରେ ଓଡ଼ିଶା ନିର୍ଭରଶୀଳ**

# କୋମାରେ ଶୀତଳ ଭଣ୍ଡାର ନିର୍ମାଣ

ଜଳେଶ୍ୱର,୨୭।୭(ସମିସ)

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର କୃଷି ଜିଲ୍ଲା ଏକ କୃଷି ବହୁଳ ଅଞ୍ଚଳ ଅଟେ। ଏହି ଅଞ୍ଚଳରେ ଖରିଫ୍ ଋତୁରେ ପ୍ରାୟତଃ ଧାନ ଚାଷ ହେଉଥିବା ବେଳେ ରବିଋତୁରେ ବହୁଳ ଭାବେ ଅର୍ଥକାରୀ ପନିପରିବା ଫସଲ ଚାଷ ହୋଇଥାଏ। ସୁବର୍ଣ୍ଣରେଖା ତଟବର୍ତ୍ତୀ ଉର୍ବର ମାଟିରେ ପ୍ରଚୁର ପରିମାଣରେ ଅର୍ଥକାରୀ ଫସଲ ଉତ୍ପନ୍ନ ହେଉଥିବାରୁ ସ୍ୱଳ୍ପ ଦରରେ ଚାଷୀକୁ ବିକିବାକୁ ପଡ଼େ। ଅଞ୍ଚଳରେ ବ୍ୟାପକ ପରିମାଣରେ ଆଳୁ ପିଆଜ, ବିଲାତି, ଅଦା, ରସୁଣ, ମୁଗ ବିରି, ଚିନାବାଦାମ, ବିଭିନ୍ନ ପନିପରିବା, ଆମ୍ବ ପଣସ, ଫୁଲ ଚାଷ ଅଧିକ ପରିମାଣରେ ହୋଇଥାଏ। କିନ୍ତୁ ଅଞ୍ଚଳରେ ସରକାରୀ ଶୀତଳ ଭଣ୍ଡାର ନଥିବାରୁ କୃଷକ ଫସଲ ଗଚ୍ଛିତ ନରଖି ପାରି ଅତି ସ୍ୱଳ୍ପ ମୂଲ୍ୟରେ ସେଗୁଡ଼ିକୁ ବିକ୍ରୟ କରିବାକୁ ବାଧ୍ୟ ହେଉଛନ୍ତି।

ଓଡ଼ିଶାରେ ବର୍ଷା ଦିନିଆ କମ୍ ପନିପରିବା ଫଳିବା ଓ ଚଳିତବର୍ଷ ବନ୍ୟା ଯୋଗୁଁ ବ୍ୟାପକ ନଷ୍ଟ ହୋଇଛି। ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ପାଇଁ ପ୍ରାୟତଃ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ହେବା ଯୋଗୁଁ ଲୋକେ ମହଙ୍ଗା ମାଡ଼ରେ ଶୋଷିତ ହେଉଛନ୍ତି। ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ୪ ଥର ବନ୍ୟା ଯୋଗୁଁ ପନିପରିବା ଫସଲ ପ୍ରାୟତଃ ନଷ୍ଟ ହୋଇ ସାରିଛି। ଲୋକେ ଶ୍ରାବଣ ମାସରେ ଆଳୁ ଉପରେ ଅଧିକ ନିର୍ଭର କରୁଥିବାବେଳେ ଗତ ବର୍ଷର ଆଳୁ ନିଅଣ୍ଟ ଚିନ୍ତା ଘାରିଲାଣି। ରାଜ୍ୟରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଆବଶ୍ୟକ ଥିବା ବେଳେ ମାତ୍ର ୫ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦିତ ହୋଇଛି। ତେଣୁ ୯ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଅନ୍ୟ ରାଜ୍ୟରୁ ଆମଦାନୀ କରିବାକୁ ପଡ଼ିବ।



ଏବେକାର ସରକାର ଅଞ୍ଚଳରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ନେଇ ନିର୍ବାଚନୀ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିନ୍ତୁ ଏବେ ସୁଦ୍ଧା ଜଳେଶ୍ୱର କୃଷି ଜିଲ୍ଲାରେ ଶୀତଳ ଭଣ୍ଡାର ନିର୍ମାଣରେ କୌଣସି ପ୍ରକ୍ରିୟା ଦେଖାଯାଉନାହିଁ। କେବଳ ଘରୋଇ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ରିହାତି ପ୍ରଦାନ ଘୋଷଣା ସହ ସରକାରୀ ଶିତଳ ଭଣ୍ଡାର ପ୍ରସଙ୍ଗ କୋମାରେ ରହିଛି। ଖରାଟିଆ ଉତ୍ପନ୍ନ ଫସଲ କୁ ଚାଷୀ ଶୀତଳ ଭଣ୍ଡାର ରେ ସାଇତି ରଖି ନପାରି ସ୍ୱଳ୍ପ ମୂଲ୍ୟରେ ବିକ୍ରୟ କରିସାରିଛନ୍ତି। ସରକାରୀ ଶୀତଳ ଭଣ୍ଡାର ଥିଲେ କୃଷକ ଆଦର୍ଶ ମୂଲ୍ୟରେ ସୁରକ୍ଷିତ ଗଚ୍ଛିତ ରଖିବା ସହିତ ଅଭାବୀ ସମୟରେ କାର୍ଯ୍ୟ ରେ ଲାଗାଇ ପାରନ୍ତା। କିନ୍ତୁ ପ୍ରତିବର୍ଷ ବର୍ଷାଦିନେ ଆସିଲେ ପନିପରିବା, ପିଆଜ, ରସୁଣ, ଅଦା, ଟମାଟୋ ଓ ଆଳୁ ଭଳି କେତେକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ଆକାଶ ଛୁଆଁ ରହୁଛି।

ଜଳେଶ୍ୱର କୃଷି ଜିଲ୍ଲା ଅଧିନରେ ୧୧୦ ହେକ୍ଟର ଜମିରେ ଆଳୁ ଚାଷ ହୋଇଥିବା ବେଳେ ୧୫୦ ହେକ୍ଟର ଜମିରେ ବିଲାତି ଚାଷ ହୋଇଥିଲା। ୭୦ ଦଶକରେ ରାଜ୍ୟର ବିଭିନ୍ନ ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯାଇଥିଲା। ପରିସଂଖ୍ୟାନ ଅନୁସାରେ ଓଡ଼ିଶାରେ ୧୮୧ଟି ଶୀତଳ ଭଣ୍ଡାର ରହିଥିବା ବେଳେ ୩୬ଟି କାର୍ଯ୍ୟକ୍ଷମ ରହିବା ସହ ପ୍ରାୟ ୬୯ ଟି ଶୀତଳ ଭଣ୍ଡାର ସମ୍ପୂର୍ଣ ଅଚଳ ହୋଇ ଯାଇଛି। ୩୦ଟି ଜିଲ୍ଲାରୁ ୧୩ ଟି ଜିଲ୍ଲାରେ ଆଦୌ ଶୀତଳ ଭଣ୍ଡାର ନାହିଁ। ଜଳେଶ୍ୱର କୃଷି ଜିଲ୍ଲା ରେ ଶୀତଳ ଭଣ୍ଡାର ନିର୍ମାଣ ପ୍ରସଙ୍ଗ ନିର୍ବାଚନ ସମୟରେ ଉପସ୍ଥାପିତ ହୋଇଥିଲା। ୨୦୧୫ ମସିହାରେ ଜଳେଶ୍ୱରରେ ଆଳୁ ମିଶନ ପ୍ରତିଷ୍ଠା ହୋଇ ଆଳୁ ସାଇତି ରଖିବା ପାଇଁ ପ୍ରୟାସ ମଧ୍ୟ ହୋଇଥିଲା। ରାଜ୍ୟ ରେ ୨୦୧୫ରୁ ୨୦୧୮ ମଧ୍ୟରେ ୩୦ଟି ଆଳୁ ମିଶନ ପ୍ରତିଷ୍ଠା ହୋଇ ଏବେ ସୁଦ୍ଧା ୨୩ଟି କାର୍ଯ୍ୟକ୍ଷମ ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲିବ ପ୍ରସ୍ତାବ ଥିବା ବେଳେ ସରକାରୀ ଶୀତଳ ଭଣ୍ଡାର ପ୍ରତିଷ୍ଠା ନିତ୍ୟାନ୍ତ ଆବଶ୍ୟକ ରହିଛି। ମହାରାଷ୍ଟ୍ର, ପୁନାରୁ ପିଆଜ, ପଶ୍ଚିମବଙ୍ଗ, ଆନ୍ଧ୍ରରୁ ଆଳୁ, ମାଛ, ଅଣ୍ଡା, ପନିପରିବା ଫଳ ଆମଦାନୀ ଉପରେ ପ୍ରାୟତଃ ରାଜ୍ୟ ନିର୍ଭରଶୀଳ। ଆମଦାନୀ ସ୍ଥାନରେ ପ୍ରାକୃତିକ ଦୁର୍ବିପାକ ହେଲେ ଓଡ଼ିଶା ରାଜ୍ୟର ଖାଉଟି ଘୋର ପ୍ରଭାବିତ ହୋଇଥାନ୍ତି। ବର୍ଷ ତମାମ ଅନ୍ୟ ରାଜ୍ୟର ଉତ୍ପାଦିତ ଖାଦ୍ୟ ସାମଗ୍ରୀ ଉପରେ ଓଡ଼ିଶାକୁ ନିର୍ଭର କରିବାକୁ ପଡୁଛି। ସେଠାକାର ମୂଲ୍ୟ ନିର୍ଦ୍ଧାରଣ ଓ ଅତ୍ୟଧିକ ପରିବହନ ଖର୍ଚ୍ଚ ଯୋଗୁଁ ରାଜ୍ୟର ଖାଉଟି ଅହେତୁକ ଦର ବୃଦ୍ଧିର ଶୀକାର ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି। କାରଣ ରବି ଋତୁରେ ଫଳିଥିବା ପର୍ଯ୍ୟାପ୍ତ ଫସଲ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ବ୍ୟବସ୍ଥା ରାଜ୍ୟରେ ନାହିଁ। ପ୍ରତିବର୍ଷ ପଶ୍ଚିମବଂଗ ସରକାର ଓଡ଼ିଶାକୁ ଆଳୁ ରପ୍ତାନି ର କଟକଣା ଲଗାଇ ଥାଆନ୍ତି। ଫଳରେ ଓଡ଼ିଶା ରେ ଆଳୁ ଦର ଅହେତୁକ ବୃଦ୍ଧି ହେବା ସହିତ ରାଜ୍ୟ ରାଜ୍ୟ ମଧ୍ୟରେ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଥାଏ। ସୂଚନା ଅନୁସାରେ ନିକଟରେ ପଶ୍ଚିମବଂଗ ବଜାର ରେ ଆଳୁ ଦର ବଢୁଥିବା ରୁ ସେଠାକାର ସରକାର ଆଳୁ ରପ୍ତାନି ଉପରେ କଟକଣା ଲଗାଇଥିବା ଚର୍ଚ୍ଚା ହେଉଛି। ଯଦି ଏଭଳି ସ୍ଥିତି ଜାରୀ ରହେ ତାହା ହେଲେ କଳା ବଜାରୀ ମାଲେମାଲ ହେବା ସହିତ ଖାଉଟି ମହଙ୍ଗା ମାଡ଼ରେ ନିଶ୍ଚିତ ସନ୍ତୁଳି ହେବେ। ସରକାରୀ ଶୀତଳ ଭଣ୍ଡାର ପ୍ରସ୍ତାବ ନଥିବା ବେଳେ ଘରୋଇ ପୁଞ୍ଜିରେ ଶିତଳ ଭଣ୍ଡାର ପ୍ରତିଷ୍ଠାରେ ଚାଷୀ ଆଗ୍ରହୀ ହୁଅନ୍ତି। ଏହି ପ୍ରକଳ୍ପ ୩୦ ଲକ୍ଷ ଓ ୧୬ ଲକ୍ଷ ଟଙ୍କା ବ୍ୟୟରେ ସୌର ଚାଳିତ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ଉଦ୍ୟାନ ବିଭାଗ ପକ୍ଷରୁ ଜଣାଯାଇଛି। ସରକାରୀ ଶୀତଳ ଭଣ୍ଡାର ପରିବର୍ତ୍ତେ ଘରୋଇ ଶୀତଳ ଭଣ୍ଡାର ଯୋଜନା କେତେ କାର୍ଯ୍ୟକାରୀ ହେବ ତାହା ସମୟ କହିବ। ଓଡ଼ିଶାକୁ ଆଳୁ ଆମଦାନୀ କ୍ରମଶଃ ହ୍ରାସ ପାଉଥିବା ବେଳେ ପଶ୍ଚିମବଂଗ ରେ ରାଜନୈତିକ ଓ ଅଭ୍ୟନ୍ତରୀଣ ଦୃଷ୍ଟି କୋଣରୁ ଆଳୁ ରପ୍ତାନି ରେ କଟକଣା ଲାଗିବା ଆଶଙ୍କା କରାଯାଉଛି। ତେଣୁ କୃଷି ବହୁଳ ଜଳେଶ୍ୱର କୃଷି ଜିଲ୍ଲାରେ ସରକାରୀ ଓ ବେସରକାରୀ ଶୀତଳ ଭଣ୍ଡାର ଖୋଲିବା ଲାଗି ଚାଷୀ କୁଳ ଓ ଖାଉଟି ଦାବି କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା

**ନୀଳଗିରି, ୨୭।୭ (ସମିସ):** ନୀଳଗିରି ସହରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ର/ଛାତ୍ରୀ ମାନଙ୍କର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୀଳ ଗିରି ଏନ.ଏ.ସି.ର ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ମୁଖ୍ୟବକ୍ତା ଭାବେ ଗୌର ମୋହନ ବେହେରା, ପ୍ରଧାନ ଆଚାର୍ଯ୍ୟ ଜୟକୃଷ୍ଣ ବାରିକ, ସଂପାଦକ ପ୍ରଦୀପ ବେହେରା, କୋଷାଧ୍ୟକ୍ଷ ହୃଷିକେଶ ମହାନ୍ତି ପ୍ରମୁଖ ମଞ୍ଚାସୀନ ରହି କୁନି କୁନି ପିଲାଙ୍କୁ ଜ୍ଞାନ ବିଜ୍ଞାନ ବିଷୟରେ ବୁଝାଇଥିଲେ। ଏଥିରେ ଚତୁର୍ଥ ଶ୍ରେଣୀରୁ ଦଶମ ଶ୍ରେଣୀର ୧୫୦ ଜଣ ଛାତ୍ର/ଛାତ୍ରୀ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ପଙ୍କଜ ବେହେରା, ଭବାନୀଶଙ୍କର ଗିରି, ନଳିନୀ ଖିଲାର ବିଚାରକ ଥିଲେ। କିଶୋର ବର୍ଗ ବିଜ୍ଞାନ ପ୍ରଶ୍ନ ମଞ୍ଚର ଆୟୁଷ୍ମାନ ଦାସ ଓ ବିଜ୍ଞାନ ପ୍ରକଳ୍ପର ନେହା ନିହାରିକା ରାଉତ, ବାଲବର୍ଗ ବିଜ୍ଞାନ ପ୍ରକଳ୍ପର ମନିଷୀ ବେହେରା, ଶିଶୁ ବର୍ଗ ଗଣିତ ପ୍ରକଳ୍ପର ଚିରସ୍ମିତା ପ୍ରମାଣିକ, କିଶୋର ବର୍ଗ ବିଜ୍ଞାନ ପ୍ରୟୋଗର ସୂର୍ଯ୍ୟପ୍ରକାଶ ଚକବର୍ତ୍ତୀ, ବିଜ୍ଞାନ ପ୍ରକଳ୍ପର ସାନ୍‌ହି କାନୁନ୍‌ଗୋ ଓ ମୃତ୍ତିକଳାରେ ବିଷ୍ଣୁ ପ୍ରିୟଦର୍ଶନୀ ପ୍ରଥମ ସ୍ଥାନ ପାଇଥିଲେ।




## ସର୍ପାଘାତରେ ଚାଷୀର ମୃତ୍ୟୁ

**ଜଳେଶ୍ୱର/ଜଳେଶ୍ୱର ବ୍ଲକ,୨୭।୭ (ସମିସ):** ଧାନ କ୍ଷେତରେ କାର୍ଯ୍ୟ କରୁଥିବା ବେଳେ ସର୍ପାଘାତ ରେ ଚାଷୀଙ୍କ ଅକାଳ ମୃତ୍ୟୁ ଘଟିଛି। ଜଳେଶ୍ୱର ବ୍ଲକ ଅଧିନ ସୁଗୋ ପଞ୍ଚାୟତ ଅନ୍ତର୍ଗତ ବାଣିଦା ଗ୍ରାମ ୧୫ ନମ୍ବର ୱାର୍ଡର ସ୍ୱର୍ଗତ ଯତୀନ୍ଦ୍ର ରଣାଙ୍କ ପୁତ୍ର ଗଣେଶ ରଣା(୪୯) ରବିବାର କ୍ଷେତରେ ଚାଷ କାମ କରୁଥିଲେ। କିନ୍ତୁ ଜମିରେ ଅଚେତ ପଡ଼ିଥିବା ଅବସ୍ଥାରେ ଉଦ୍ଧାର ହୋଇ ସ୍ଥାନୀୟ ହସ୍ପିଟାଲକୁ ତାଙ୍କୁ ଲୋକେ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ହସ୍ପିଟାଲ ରେ ସରକାରୀ ବ୍ୟବଛେଦ କର୍ମଚାରୀ ନଥିବା ରୁ ଶବକୁ ସୁରକ୍ଷିତ ରଖାଯାଇଛି। ପଂଚାୟତର ପ୍ରାକ୍ତନ ୱାର୍ଡ ମେମ୍ବର ଭାବେ ସେ ଦକ୍ଷିଣ ସାହିର ବିକାଶ ନିମନ୍ତେ ସଦା ତତ୍ପର ଥିଲେ। ତାଙ୍କର ଧର୍ମପତ୍ନୀ ଗାୟତ୍ରୀ ରଣା ଓ ୨ ନାବାଳିକା ଝିଅ ମୁରବି ବିହୀନ ହୋଇଛନ୍ତି। ତାଙ୍କ ଅକାଳ ବିୟୋଗ ରେ ସରପଞ୍ଚ ଜୟନ୍ତୀ ପରିଡା, ସମିତି ସଭ୍ୟା ଅନିତା ମହାନ୍ତି,ଅରୁଣ ପରିଡ଼ା,ସଞ୍ଜୟ ମହାନ୍ତି,ସଞ୍ଜିବ ସେନାପତି, ରଣିଜିତ ପାତ୍ର,ପ୍ରମୁଖ ଗ୍ରାମବାସୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ପଞ୍ଚାୟତ ତରଫରୁ ନିବେଦନ କରାଯାଇଛି।

## ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚିଲା ପ୍ରଶାସନ



**ଜଳେଶ୍ୱର ବ୍ଲକ, ୨୭।୭ (ସମିସ):** ଜଳେଶ୍ୱର ପଞ୍ଚାୟତ ସମିତି ଅଧିନ ଓଲମରା ମହଲସାହିର ପାଣି ଘେରରେ ଥିବା ପରିବାର ଲୋକଙ୍କ ପାଖରେ ପହଞ୍ଚିଲେ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ। ବର୍ଷା ଋତୁ ଆସିଲେ ଓଲମରା ଗ୍ରାମ ପଞ୍ଚାୟତର ବ୍ରହ୍ମପୁର ଗ୍ରାମର ମହଲସାହିରେ ଲୋକଙ୍କ ସମସ୍ୟା ବଢ଼ିବାରେ ଲାଗିଥାଏ। ରାସ୍ତା ଉପରେ ୫ ଫୁଟର ପାଣି ପ୍ରବାହିତ ହୋଇ ଥାଏ ଯାହା ଫଳରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି କୁନି କୁନି ପିଲାମାନେ ଓ ଗୃହ ପାଳିତ ପଶୁ ପକ୍ଷୀ ଓ ପିଇବା ପାଣିର ସମସ୍ୟା ଉପୁଜିଥାଏ। ଯାହାକୁ ନେଇ ଗ୍ରାମବାସୀ ନିର୍ବାଚିତ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଜଣାଇ ଥିଲେ ମଧ୍ୟ କିଛି ସୁଫଳ ମିଳିପାରୁ ନ ଥିଲା। ଏ ନେଇ 'ସକାଳ'ରେ ଖବର ପ୍ରକାଶ ପରେ ଜଳେଶ୍ୱର ବିଡ଼ିଓ ଗ୍ରାମରେ ଆସି ସ୍ଥିତି ଅନୁଧ୍ୟାନ କରିଥଲେ । ପାଣି ଘେରରେ ଥିବା ପରିବାର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବା ସହିତ ସେଠାରେ ଏକ ସ୍ଥାୟୀ ପକ୍କା ପୋଲ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦେଇ ଥିବାରୁ ଓଲମରା ଗ୍ରାମ ପଞ୍ଚାୟତର ଯୁବ ନେତା ରାସବିହାରୀ ରଣା ସମେତ ସତ୍ୟ ନାୟକ, ପର୍ଶୁରାମ ଘଡେଇ, ବିଶ୍ୱଜିତ୍ ଦେହୁରୀ, ସପନ ଭକ୍ତା, ସନାତନ ଘଡେଇ, ମଦନ ପଲେଇ, ଗୋପାଳ ଭକ୍ତା, ଅଜୟ ଦେହୁରୀ, ଶ୍ୟାମସୁନ୍ଦର ଦଣ୍ଡ, ଝାଡେଶ୍ୱର ଘଡେଇ, ସନ୍ତୋଷ ଘଡେଇ, ମାନସ ରଣା ପ୍ରମୁଖ ଗ୍ରାମବାସୀ ବିଡ଼ିଓଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## କାରଗିଲ ବିଜୟ ଦିବସ

**ଖଇରା,୨୭।୭ (ସମିସ):** ଖଇରା ମହାବିଦ୍ୟାଳୟ ଏନସିସି ୟୁନିଟ ପକ୍ଷରୁ କାରଗିଲ ବିଜୟ ଦିବସ ପାଳିତ ହୋଇ ଯାଇଛି। ଏହି ଉପଲକ୍ଷେ ଶନିବାର ସକାଳେ ଏନସିସିର ଉଭୟ ଆର୍ମୀ ଓ ନାଭାଲ ୟୁନିଟ ଛାତ୍ରୀଛାତ୍ରଙ୍କ ଏକ ଶୋଭାଯାତ୍ରା ଖଇରା କଲେଜ ପରିସରରୁ ବାହାରି ଖଇରା ବଜାର ପରିକ୍ରମା କରିଥିଲା। ପରେ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍ମି ମୁଖ୍ୟ ଲେଫ୍ଟନାଣ୍ଟ ଉଦୟ ରଞ୍ଜନ ଦାସ, ନାଭାଲ ମୁଖ୍ୟ ସୁନିଲ କୁମାର ମହଲା ଯୋଗଦେଇ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ସେନାର ବିରତ୍ୱର ଗାଥା ବଖାଣିଥିଲେ। ୬୦ରୁ ଉର୍ଦ୍ଧ କ୍ୟାଡେଟ ଉପସ୍ଥିତ ଥିଲେ।

## ସାରସ୍ୱତ ସହର ପକ୍ଷରୁ ଭ୍ରାମ୍ୟମାଣ ସାହିତ୍ୟ ସଭା



**କାଳିପଦା, ୨୭।୭ (ସମିସ):** ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ଓ କାଳିପଦା ପତଙ୍ଗ ଶିଶୁ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ରବିବାର କବି ନଳିନୀ କାନ୍ତ ପାଢ଼ୀଙ୍କ ପାଠାଗାର ପରିସରରେ ଭ୍ରାମ୍ୟମାଣ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଡିଆଇ ତଥା ସୁ ସାହିତ୍ୟିକ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଲାତଯୋଡ଼ି ସଂସ୍କୃତ କଲେଜର ଅଧ୍ୟକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡା, ଅବସରପ୍ରାପ୍ତ ଏସ ଆଇ ଅଫ ସ୍କୁଲସ୍ ମନ୍ମଥ କୁମାର ସାହୁ, ସ୍ୱେଚ୍ଛାସେବୀ ସଂଗଠନ ରାହାର ସମ୍ପାଦିକା ଆରତୀ ପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ସାମ୍ପ୍ରତିକ ଯୁବ ସମାଜ ସାହିତ୍ୟ ମନସ୍କ ନ ହେବା ବିଡମ୍ବନା ବୋଲି କହିଥିଲେ। ସାହିତ୍ୟ ହିଁ ସାମାଜିକ ପରିବର୍ତ୍ତନର ଆଧାର ବୋଲି ଅତିଥିମାନେ ମଧ୍ୟ କହିଥିଲେ। ପତଙ୍ଗ ମୁଖ୍ୟ କବି ନଳିନୀ କାନ୍ତ ପାଢ଼ୀ ମଞ୍ଚ ଆହ୍ୱାନ, ଆବାହକ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି ସ୍ୱାଗତ ଭାଷଣ, ପ୍ରିୟବ୍ରତ ପଣ୍ଡା ବେଦ ପାଠ ଓ ଗୋପାଳ କୃଷ୍ଣ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଥାକାର ନାରାୟଣ ବିଶ୍ୱାଳ, ଯବନ କବି ସେକ ନିମାଜୀ, ବିଜୟ କୁମାର ପାତ୍ର, ଅଜୟ କୁମାର ପାତ୍ର, କବୟିତ୍ରୀ କବିତା ଗିରି, ମାହେଶ୍ୱରୀ ଗିରି, ସରୋଜ କୁମାର ବିଶ୍ୱାଳ, ବୃଷ କେତୁ ଗୋଛାୟତ, ପ୍ରଦୀପ କୁମାର ଗିରି, ଅନୁଷ୍କା ପାଢ଼ୀ, ମିଳନ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇ ଥିଲେ। ସାହିତ୍ୟ ଓ କବିତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କବି ନଳିନୀ କାନ୍ତ ପାଢ଼ୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା କବି ଓ କବୟିତ୍ରୀ ମାନଙ୍କୁ ପଲ୍ଲୀକବି ଧୀରେନ୍ଦ୍ର ନାଥ କରଣ ସ୍ମୃତି ସମ୍ମାନ ରେ ସମ୍ମାନିତ କରାଯାଇଥିଲା। କବୟିତ୍ରୀ ସୁଜାତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଆର୍‌ସିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ବାଲିଆପାଳ, ୨୭।୭ (ସମିସ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ସିମୁଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏବିଇଓ ତଥା ବିଆରସିସି ନମିତାପ୍ରଭା ସାମଲଙ୍କ ପୌରହିତ୍ୟରେ ସିଆରସିସି ଅଶୋକ କୁମାର ଗିରିଙ୍କ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା ତଥା ପ୍ରଧାନଶିକ୍ଷକ ପ୍ରଭାତ ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘ ଏନପିଏସର ସାଧାରଣ ସଂପାଦକ ନିତାଇ ଚରଣ ରାଉଳ, ସିଆରସିସି ଯଶୋବନ୍ତ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେହିପରି ଆଇଡିଆଲ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ରାଉତ, ଅକ୍ସଫୋଡର୍ ଇଂଲିଶ ମିଡିୟମ ସ୍କୁଲର ନିର୍ଦ୍ଦେଶକ ସାଗର କୁମାର ପଟ୍ଟନାୟକ, ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷକ ପୁଲିନ କୁମାର ନନ୍ଦି, ଚୌଧୁରୀକୁଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟକୃଷ୍ଣ ବେହେରା, ଶିକ୍ଷକ ସଞ୍ଜୟ ମହାପାତ୍ର, ଶିକ୍ଷୟିତ୍ରୀ ଭାରତୀ ବେହେରା, ବାଳାବତୀ ପ୍ରଧାନ, ସ୍ନେହଲତା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୂଆ ସିଆରସିସି ଭାବରେ କାର୍ଯ୍ୟରେ ଯୋଗ ଦେଇଥିବା ଯଶୋବନ୍ତ ଜେନାଙ୍କୁ ସ୍ୱାଗତ କରାଯାଇଥିଲା। ଶିକ୍ଷକ ପ୍ରଦୀପ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଶିକ୍ଷକ ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ମଶାନକୁ ନାହିଁ ରାସ୍ତା; ବନ୍ୟାଜଳରେ ଗଲା ଶବାଧାର

**ଜଳେଶ୍ୱର,୨୭।୭(ସମିସ):** ସୁବର୍ଣ୍ଣରେଖା ନଦୀର ବନ୍ୟା ଜଳ ଓ ବର୍ଷା ପାଣି ରେ ଉତ୍ତର ବାଲେଶ୍ୱର ଅଞ୍ଚଳ ଦୀର୍ଘଦିନ ଧରି ପ୍ରଭାବିତ ହୋଇଆସୁଛି। ଜଳେଶ୍ୱର ବ୍ଲକ୍ ଅଧିନ ସୁଗୋ ପଂଚାୟତ ଅନ୍ତର୍ଗତ ବାଣିଦା ଗାଁର ୧୪ ନଂ ୱାର୍ଡ ରେ ଶବାଧାର ଗଲା ବେଳେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଶନିବାର ଜରାଗ୍ରସ୍ତ ପାର୍ବତୀ ମହାନ୍ତିଙ୍କ ବିୟୋଗ ହୋଇଥିଲା। ତାଙ୍କର ଶେଷକୃତ୍ୟ ସମ୍ପନ୍ନ ଲାଗି ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ସତ୍କାର ପାଇଁ ଗ୍ରାମ ଶ୍ମଶାନକୁ ଶବାଧାରରେ ବାହାରିଥିଲେ। ତଳିଆ ଅଞ୍ଚଳ ଓ ପ୍ରବଳ ବର୍ଷା କାରଣରୁ ମଶାଣି ରାସ୍ତାରେ ବର୍ଷା ପାଣି ଛିଡା ହୋଇଥିଲା। ସତ୍କାର ଲାଗି ବିଳମ୍ବ ହେଉଥିବା ବେଳେ ଉପାୟ ଶୂନ୍ୟ ହୋଇ ବିପଦପୂର୍ଣ୍ଣ ଭାବେ ଛାତିଏ ପାଣି ଭିତରେ ଶବ ବୋହି ନେଇଥିଲେ। ଏହା ସହିତ ପ୍ରବଳ ବର୍ଷା ହେଉଥିବାରୁ ଅଗ୍ନି ଦାହ ସ୍ଥାନରେ ଶବ ସତ୍କାରରେ ଘୋର ସମସ୍ୟା ଉପୁଜିଥିଲା। ଶ୍ମଶାନ ଘର ନଥିବାବେଳେ ସତ୍କାର ସ୍ଥାନ, ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ପଡିଛି। ଗ୍ରାମବାସୀଙ୍କ କହିବା ଅନୁସାରେ ମଶାଣିକୁ ରାସ୍ତା ନଥିବା ବେଳେ ଶବ ପୋଡ଼ିବା ସମୟରେ ସରିସୃପ, ବିରୁଡି ଓ ମହୁମାଛିଙ୍କ ଦଂଶନ ଆଶଙ୍କା ରହୁଛି। ମଶାଣୀକୁ ଯିବା ଲାଗି ପୋଲ ନିର୍ମାଣ ସହିତ ଏକ ଶ୍ମଶାନ ଗୃହ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଥିଲେ। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିମାନେ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ବୃହତ ଜନସଂଖ୍ୟା ବିଶିଷ୍ଟ ଗ୍ରାମରେ ଶବଦାହ ଗୃହ ନିର୍ମାଣ ହୋଇ ପାରିଲାନାହିଁ। ଗ୍ରାମର ପ୍ରତାପ ଚନ୍ଦ୍ର ମହାନ୍ତି, ମଦନ ମହାନ୍ତି, ସୁକୁମାର ଦାସ୍, ରାଜୁ ଦାସ୍,ବ୍ରଜ ସୁନ୍ଦର୍ ଦାସ୍, ଦିନେଶ ମହାନ୍ତି, ସୁଧାକର ପାତ୍ର, ଗୌରୀ ଶଙ୍କର ମହାନ୍ତି ପ୍ରମୁଖ ମଶାଣିରେ ସତ୍କାର ଗୃହ ଓ ପୋଲ ନିର୍ମାଣ ଲାଗି ଦାବି ଜଣାଇଛନ୍ତି। ନଚେତ୍ ଗ୍ରାମବାସୀ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସମିତି ସଦସ୍ୟା ଅନିତା ମହାନ୍ତିଙ୍କ ସୂଚନା ଅନୁସାରେ ଶବ ସତ୍କାର ଗୃହ ନିର୍ମାଣ ଲାଗି ପ୍ରୋଜେକ୍ଟ ଦିଆଯାଇଛି ଓ ଶିଘ୍ର କାର୍ଯ୍ୟ ଆରମ୍ଭ ହେବ। ଶ୍ମଶାନକୁ ଯାତାୟାତ ଲାଗି ଖୁବ୍‌ଶୀଘ୍ର ପୋଲ ନିର୍ମାଣ ନିମନ୍ତେ ପ୍ରୋଜେକ୍ଟ ଦିଆଯିବ ବୋଲି କହିଛନ୍ତି।



## ହାସ୍ୟ ଅଭିନେତା ପଦ୍ମଲୋଚନ ସେଠୀଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଭୋଗରାଇ,୨୭।୭(ସମିସ):** ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଚମ୍ପାବଣୀ ପାଟଣା ଗ୍ରାମର ହାସ୍ୟାଅଭିନେତା ପଦ୍ମଲୋଚନ ସେଠୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପଦ୍ମଲୋଚନଙ୍କ ବଡ ପୁଅ ପ୍ରଫୁଲ୍ଲ ସେଠୀ ସଭାପତିତ୍ୱ କରିଥିବାବେଳେ ମଝିଆ ପୁଅ ପ୍ରଦୀପ ସେଠୀ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ କହିଥିଲେ ପଦ୍ମଲୋଚନ ବାବୁ ଜଣେ ହାସ୍ୟ ଅଭିନେତା ତଥା ସମାଜସେବୀ ଭାବରେ ଆଖପାଖ ଅଞ୍ଚଳରେ ପରିଚୟ ସୃଷ୍ଟି କରିଛନ୍ତି। ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ସରପଞ୍ଚ ବ୍ରଜକିଶୋର ମହାନ୍ତି, ସଦସ୍ୟ ଅଞ୍ଜଳି ପାଡି, ଘନଶ୍ୟାମ ପାଡି, ରାଜକିଶୋର ମହାନ୍ତି, ସୁଧାଂଶୁ ଶେଖର ଜେନା, ସୁବାଷ ଚନ୍ଦ୍ର ଜେନା, ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ପୂର୍ବତନ ସରପଂଚ ଚିତ୍ରାନନ୍ଦ ପାଳ, ତଥାଗତ ମିଶ୍ର, ତପନ ପାତ୍ର, ରାମନଗର ପଞ୍ଚାୟତ ସମିତି ସଭ୍ୟ ଦୀପକ ସାର, ପ୍ରଶାନ୍ତ ସେଠୀ ଓ ପରେଷ ସେଠୀ ଉପସ୍ଥିତ ଥିଲେ।



## କାର୍ଗିଲ୍ ବିଜୟ ଦିବସ ପାଳିତ



**ସୋର,୨୭।୭(ସମିସ):** ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ କାର୍ଗିଲ୍ ବିଜୟ ଦିବସ ଯୁବକ ସଂଘର ମାତା ଭୁବନେଶ୍ୱରୀ ଦେବୀ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଆଲୋଚନାଚକ୍ର କରାଯାଇ ନିଜ ରାଷ୍ଟ୍ର ପାଇଁ ସଦା ସର୍ବଦା ସମର୍ପିତ ହେବା ପାଇଁ ଉପସ୍ଥିତ ସମସ୍ତେ ସଂକଳ୍ପ ନେଇଥିଲେ। ଯୁବକ ସଂଘ ସମ୍ପାଦକ ସରୋଜ କୁମାର ବିଶ୍ୱାଳ ବିଜୟ ଦିବସର ମାହାତ୍ମ୍ୟ ସମ୍ପର୍କରେ ପିଲାମାନଙ୍କୁ ଜଣାଇ ଥିଲେ। ଯୁବକ ସଂଘର କୋଷାଧ୍ୟକ୍ଷ ବିଶ୍ୱରଂଜନ ସାହୁ, ସ୍ଲୋଗାନ ଦାସ, ପରେଶ କୁମାର ବେହେରା, ଜିତେନ୍ଦ୍ର ବେହେରା, ସୁଶାନ୍ତ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ନିର୍ମାଣ ପରଠୁ ତାଲା; ଜରାଜୀର୍ଣ୍ଣ ପାଲଟିଲାଣି କୋଠା

ବାଲିଆପାଳ, ୨୭।୭ (ସମିସ):

ବାଲିଆପାଳ ବ୍ଲକ ଡଗରା ପାନ୍ଥନିବାସ ପାର୍ଶ୍ୱରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୦୦୦ ମସିହାରୁ ଏକ କୋଠା ନିର୍ମାଣ ହୋଇଛି। ଆଗରେ ପାଚେରୀ ନିର୍ମାଣ କରାଯାଇ ଫାଟକ ମଧ୍ୟ ଲାଗିଛି। ତେବେ ଫାଟକ ସମେତ ଏହି କୋଠାରେ କେବେ ତାଲା ଫିଟୁଥିବା କେବେ ଦେଖିନାହାନ୍ତି। ନିର୍ମାଣ ଦିନ ଠାରୁ ଏହି କୋଠାରେ ତାଲା ଝୁଲୁଥିବା ବେଳେ ବାହାରୁ ଅନାଇଲେ ଭିତରେ ଭୂତକୋଠୀ ପରି ଲାଗୁଛି। କୋଠା ଚାରିକଡରେ ବଣ ଜଙ୍ଗଲ ଛାଇ ଗଲାଣୀ। ସେହିପରି କୋଠାର ବିଭିନ୍ନ ସ୍ଥାନରୁ ପଲସ୍ତରା ଖସି ଜରାଜୀର୍ଣ୍ଣ ହୋଇଗଲାଣି। ମାତ୍ର ସେହି ଭଙ୍ଗା ଦଦରା କାନ୍ଥରେ ବାହାରପଟୁ ବର୍ଷକୁ ବର୍ଷ ରଙ୍ଗ ମରାଯାଉଛି। ମାତ୍ର ୫୦ ହଜାର ଟଙ୍କା ଭିତରେ ସବୁ କାମ ସାରି ଅବଶିଷ୍ଟ ଟଙ୍କା ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ମିଳଭଗତରେ ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। ଚଳିତବର୍ଷ ଏଭଳି ଭାବେ ଏହି ବିଲଡିଙ୍ଗରେ ଗତ ଜୁନ ମାସରେ ରଙ୍ଗ ମରାଯାଇଛି। ଏହି କୋଠାର ରିନୋଭେସନ ପାଇଁ କୁଆଡେ ପାଞ୍ଚଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଠିକାଦାର ଏହାର ପୁନରୁଦ୍ଧାର କରିବେ କଣ ଭଙ୍ଗା ଛାତ ଉପରେ ରଙ୍ଗମାରି ଦାୟିତ୍ୱ ସାରିଦେଇଛନ୍ତି। ସବୁଠାରୁ ବଡକଥା ହେଉଛି ଏହି କୋଠାର ରିନୋଭେସନ ନାମରେ ବିଭାଗ ପକ୍ଷର ପ୍ରତିବର୍ଷ ଟଙ୍କା ମଞ୍ଜୁର ହୋଇ ଖର୍ଚ୍ଚ ହୋଇଛି। ୨୫ବର୍ଷ ଭିତରେ ଏହି କୋଠାରେ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ସରିଥିଲେ ମଧ୍ୟ ଏହାର ତାଲା ଫିଟିପାରୁନଥିବା ଅଭିଯୋଗ ହୋଇଛି। ସତେ ଯେମିତି ସରକାରୀ ଅର୍ଥ ଲୁଟିବାକୁ ଏହି କୋଠା ନିର୍ମାଣ ହୋଇଛି। ସବୁଠାରୁ ବଡ କଥା ହେଉଛି ଗୋଟିଏ ବି କାମର ଫଳକ ନାହିଁ। କାମ ନ କରି ବିଭାଗୀୟ ଅଧିକାରୀ କେମିତି ଲକ୍ଷାଧିକ ଟଙ୍କାର ବିଲ କରୁଛନ୍ତି ତାହା ତଦନ୍ତ ସାପେକ୍ଷ। ସବୁଠାରୁ ବଡକଥା ହେଉଛି ଏହି କୋଠା କୁଆଡେ ଗ୍ରାମ ଉନ୍ନୟନ ବିଭାଗର ପାନ୍ଥନିବାସ। ଏଥିରେ ଦୁଇଟି ସୁଟ ରହିଥିବା ବେଳେ ଗୋଟିଏ ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ଅନ୍ୟଟି ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟେ ନିର୍ମାଣ ହୋଇଥିଲା। ଡଗରା ବେଳାଭୂମିକୁ ପ୍ରତିଦିନ ବହୁ ପର୍ଯ୍ୟଟକ ଅସିଥାନ୍ତି। ବ୍ଲକର ଏକମାତ୍ର ପାନ୍ଥ ନିବାସକୁ ଛାଡିଦେଲେ ସେମିତି କିଛି ରହିବାର ସୁବିଧା ନାହିଁ। ସରକାରୀ ଅର୍ଥରେ ନିର୍ମାଣ ହୋଇ ଲକ୍ଷ ଲକ୍ଷ ଟଙ୍କ ବିନିମୟ କରି ଏହି କୋଠାର ତାଲା ନ ଫିଟିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କୋଠାରେ ଆରମ୍ଭ ଦିନଠାରୁ କେତେଟଙ୍କା ଖର୍ଚ୍ଚ ହୋଇଛି ଏହାର ଭିଜିଲାନ୍ସ ତଦନ୍ତ ପାଇଁ ବାଲିଆପାଳ ବିକାଶ ପରିଷଦ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଅବନୀ ରାଉତଙ୍କୁ ପଚାରିବାରୁ ଚଳିତ ବର୍ଷ ଏହାର ରିନୋଭେସନ ପାଇଁ ତିନି ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ରଙ୍ଗକାମ ଏବଂ ଦୁଇଟି ପଲଙ୍କ କିଣାଯାଇଥିବା କହିଥିଲେ। ଘରର ମରାମତି ନ କରି ତା ଉପରେ ରଙ୍ଗ ମାରିବା ଏବଂ ଏହାର ତାଲା କେବେ ଫିଟିବ ଏ ସମ୍ପର୍କରେ ସନ୍ତୋଷଜନକ ଉତ୍ତର ନ ଦେଇ ଏଡାଇ ଯାଇଛନ୍ତି।



**ରିନୋଭେସନ ନାମରେ ମାଲେମାଲ ବିଭାଗ ଓ ଯନ୍ତ୍ରୀ**

